# Akashvani, Sambalpur

# SAMBALPURI NEWS MORNING BULLETIN

# 28 July 2026 - 6.47- 6.52 am.

---

ନିଳାଦ୍ରୀ ବିଜେ                ଆର୍‌ଏନ୍‌ୟୁ/ ସମ୍ବଲପୁର

୯ ଦିନିଆ ରଥ୍‌ଯାତ୍ରା ସାରିକରି ଗଲାକାଏଲ୍ ଚତୁର୍ଦ୍ଧା ମୂର୍ତି ନୀଳାଦ୍ରୀ ବିଜେ କରିଛନ୍ । ସବୁଦିନିଆ ନୀତିକାନ୍ତି ରଥଉପ୍‌ରେ ହେବାର୍ ଉତ୍‌ରୁ ସନ୍ଧ୍ୟାଧୂପ ନୀତି ଶେଷ୍ ହେଲା ପରେ ଭୋଇ ସେବକ୍‌ମାନେ ତିନ୍‌ହି ରଥ ନ ଚାର୍‌ମାଲ୍ ବାନ୍ଧିଥିଲେ । ତାର୍ ଉତ୍‌ରୁ ଗୋଟି ପହଣ୍ଡିଥି ମାହାପୁରୁମାନ୍‌କୁ ରତ୍ନବେଦୀକେ ବିଜେ କରାଯାଇଥିଲା । ମହାଲକ୍ଷ୍ମୀଙ୍କର୍ ସାଙ୍ଗେ ବଚନିକା ହେବାର୍ ସହେତେ ରସ୍‌ଗୁଲା ଆଉ ପାଟବସ୍ତ୍ର ଦେଇକରି ମହାପ୍ରଭୁ ଶ୍ରୀ ଜଗନ୍ନାଥ୍ ମାଙ୍କର୍ ମାନଭଞ୍ଜନ୍ କରିଥିଲେ । ଇତାର୍‌ଉତ୍‌ରୁ ରତ୍ନବେଦୀ ନ ଚତୁର୍ଦ୍ଧାମୂର୍ତିଙ୍କର୍ ରୁନ୍ଧା ନୀତି କରାଯାଇକରି ଚାରମାଳ ହିଟାଯାଇଥିଲା । ତାର୍‌ପରେ ଚକାପୋଛା, ସିଂହାସନ ଧୁଆ ବାଗିର୍ ନୀତି ମାନ୍ କରାଯାଇଥିଲା । ଶ୍ରୀମନ୍ଦିର୍ ନ ୯ ଦିନିଆ ରଥ୍‌ଯାତ୍ରା

ଉତ୍‌ରୁ ଆଏଜ୍ ପହେଲା ମହାପ୍ରସାଦ୍ ବାହାର୍‌ବା । ଯେନ୍‌ଟାକେ ନୀଲାଚଳ ଅବଡ଼ା ବଲି କୁହାଯାଏସି ।

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ-କଲେଜ୍ ଆଇ ଆଣ୍ଡ୍ ପି.ଆର୍

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର୍ ନାଁଥି ହେବା ଫୁଲ୍‌ବାଣୀ ସର୍‌କାରୀ ମେଡ଼ିକାଲ୍ କଲେଜ୍ । ତାଙ୍କର୍ ସେବା ଆଉ ତ୍ୟାଗକେ ସମ୍ମାନ୍ ଜନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ନିଷ୍ପତି ନେଇଛନ୍ । ଇତାର୍‌ସହେତେ ଜଲେଶ୍‌ପଟ୍ଟା ଆଶ୍ରମ୍, ଆଶ୍ରମ୍ ସ୍କୁଲ୍ ଆଉ କନ୍ୟାଶ୍ରମ୍‌ର ଉନ୍ନତି ଆଉ ଐତିହ୍ୟର୍ ସୁରକ୍ଷାର୍ ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ଖାସ୍ ସାହାଜ୍ ପାଣ୍ଠିନୁ ୧୩ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ । ଇଥିରୁ ୫ କୋଟି ଟଙ୍କାଥି ୩ ଶହ ସିଟ୍ ଥିବା ଗୁଟେ ଛାତ୍ରୀନିବାସ୍ ଥାପ୍‌ନା, ୩ କୋଟି ଟଙ୍କାଥି ସ୍ୱାମୀଜୀଙ୍କର୍ ଐତିହ୍ୟ ସ୍ଥଲ୍‌ର ସଂରକ୍ଷଣ୍ ଆଉ ୬୦ ଲାଖ୍ ଟଙ୍କାଥି ମେଗା ରିଭର୍‌ଲିଫ୍ଟ ଜରିଏ ପାଏନ୍ ଯୁଗେଇ ଦିଆଯିବା । ସେନ୍ତା ଶୌଚାଳୟ, ଛାତ୍ରୀନିବାସ ଲାଗି ଅତିରିକ୍ତ ଘର୍, ପଚେରୀ, ଶ୍ରେଣୀଗୃହ,

ହଷ୍ଟେଲ୍‌ର ନବୀକରଣ୍ ଲାଗି ଭିଲ୍ ସାହାଜ୍‌ର ବ୍ୟବସ୍ଥା କରାଯାଇଛେ ।

ରାଜସ୍ୱ ମନ୍ତ୍ରୀ -ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ରାଏଜେ ଗଭୀର ଅବପାତ ଲାଗି ହଉଥିବା ବର୍ଷା ସ୍ଥିତିକେ ନେଇକରି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ବୈଠକ୍‌ଥି ମନ୍ତ୍ରୀ ଜିଲ୍ଲା ଭିତିଥି ପ୍ରସ୍ତୁତିର୍ ଆକଲନ୍ କର୍‌ବାର୍ ସହେତେ ସବୁ ଜିଲ୍ଲା ପ୍ରଶାସନ୍ ଥି ୨୪ ଘଂଟିଆ ସତର୍କତା ଅପ୍‌ନାବାର୍ ସହେତେ ରିଲିଫ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ମନ୍ତ୍ରୀ କହିଛନ୍, ସାଧାରଣ୍ ଲୁକ୍‌କର୍ ଜୀବନ୍‌ର ସୁରକ୍ଷା ସର୍‌କାର୍‌ଙ୍କର୍ ପହେଲା ପ୍ରାଥମିକତା ଆଏ । ସବୁ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି କାମ୍ କର୍‌ବାର୍ ଆଉ ପରିସ୍ଥିତିର ତୁର୍‌ତି ମୁକାବିଲା ଲାଗି ମନ୍ତ୍ରୀ ଶ୍ରୀ ପୂଜାରୀ ଜୋର୍ ଦେଇଛନ୍ ।

ପ୍ରାକ୍ ମେଟ୍ରିକ୍, ମେଟ୍ରିକ୍ ଉତ୍ତରର୍ ଛାତ୍ରବୃତି    ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ଅନୁସୂଚିତ ଜନଜାତି ଆଉ ଜାତି ଉନ୍ନୟନ୍ ଆଉ ସଂଖ୍ୟାଲଘୁ ସମ୍ପ୍ରଦାୟ ଆଉ ପଛୁଆ ବର୍ଗ କଲ୍ୟାଣ୍ ବିଭାଗ୍ ତର୍ଫୁ ପ୍ରାକ୍ ମେଟ୍ରିକ୍ ଆଉ ମେଟ୍ରିକ୍ ଉତ୍ତରର୍ ଛାତ୍ରବୃତି ଲାଗି ଆଏବା କାଏଲ୍ଠାନୁ ଆବେଦନ୍ ପ୍ରକ୍ରିୟା ମୁଲ୍ ହେଉଛେ । ଦର୍ଖାସ୍ତ ପକାବାର୍ ଲାଗି ଆଏବା କାଏଲ୍ଠାନୁ ସେପ୍ଟେମ୍ବର୍ ମାସର୍ ୨୯ ତାରିଖ୍ତକ୍ ସମିଆ ଧାରିଜ୍ କରାଯାଇଛେ । ଅନୁଷ୍ଠାନ୍ ମାନ୍କର୍ ତର୍ଫୁ ଆବେଦନ୍ମାନ୍କର୍ ଯାଂଚ୍ର ଶେଷ୍ ତାରିଖ୍ ଅକ୍ଟୋବର୍ ୯ ତାରିଖ୍କେ ରଖାଯାଇଛେ । ସେନ୍ତା ଜିଲ୍ଲା ଆଉ ବ୍ଲକ୍ ଆଉ କି ସହରାଂଚଲ୍ ସ୍ଥାନୀୟ ସଂସ୍ଥା କର୍ତ୍ତୃପକ୍ଷଙ୍କର୍ ତର୍ଫୁ ଅନୁମୋଦନ୍ର ଶେଷ୍ ତାରିଖ୍ ନଭେମ୍ବର୍ ମାସର୍ ୯ ତାରିଖ୍କେ ରଖାଯାଇଛେ । ଛାତ୍ରଛାତ୍ରୀମାନେ ଇଥିର୍ଲାଗି scholarship.odisha.gov.in ଥି ଆବେଦନ୍ କରିପାର୍ବେ ।

ଓ.ଏସ୍.ଏସ୍.ଟି.ଇ.ଟି. -୨୦୨୬    ଆର୍ଏନ୍ୟୁ/ ସମ୍ବଲପୁର

ମାଧମିକ ଶିକ୍ଷା ପରିଷଦ୍ ତର୍ଫୁ ଓଡ଼ିଶା ସେକେଣ୍ଡରୀ ସ୍କୁଲ୍ ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା -ଓ.ଏସ୍.ଏସ୍.ଟି.ଇ.ଟି. -୨୦୨୬ ଆଏବା ସେପ୍ଟେମ୍ବର୍ ମାସର୍ ୩୦ ତାରିଖ୍ ଦିନ ହେବା । ଇ ପରୀକ୍ଷାର୍ ଦୁହି ପେପର୍ ଗୁଟେ ସିଟିଂଥି ହେବା । ପରୀକ୍ଷା ସଖାଲର୍ ୯ ବଜୁ ମୁଲ୍ ହେଇକରି ସାଢ଼େ ୧୧ ବଜେତକ୍ ଚାଲ୍ବା । ଇଥିର୍ଲାଗି ଫର୍ମ ଭର୍ବାର୍ ତାରିଖ୍, ମାର୍ଗଦର୍ଶିକା ବାଗିର୍ ସବୁ ସୂଚ୍ନା ବୋର୍ଡ଼ ତର୍ଫୁ ଖୋବ୍ ଜଲ୍ଦି ବାହାର୍ କରାଯିବା ବଲି ବୋର୍ଡ଼ ସଭାପତି ଶ୍ରୀକାନ୍ତ ତରେଇ ସୂଚ୍ନା ଦେଇଛନ୍ ।

ପି.ଜି.ଟି. କର୍ମଶାଳା ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ସର୍କାରୀ ଉଚ୍ଚମାଧମିକ୍ ବିଦ୍ୟାଲୟ ଆଉ ସର୍କାରୀ ଉନ୍ନିତ୍ ଉଚ୍ଚବିଦ୍ୟାଲୟଥି ନିଯୁକ୍ତି ପାଇଥିବା ପି.ଜି.ଟି. ଶିକ୍ଷକ୍, ଶିକ୍ଷୟିତ୍ରୀ ମାନ୍କର୍ ଲାଗି ଦିଗ୍ଦର୍ଶନ୍ କର୍ମଶାଳାର୍ ଆୟୋଜନ୍ କରାଯାଇଛେ । ଇଥି ଶହେ ୨୦ ଝନ୍ ଭାଗ୍ ଦେଇଥିଲେ ।

ବିଶ୍ୱ ହେପାଟାଇଟିସ୍ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ହେପାଟାଇଟିସ୍ ଦିବସ୍ । ଯକୃତ ବା ଲିଭର୍ ରୋଗ ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍ଫୁ ୨୦୧୦ ମସିହାନୁ ବିଶ୍ୱ ହେପାଟାଇଟିସ୍ ଦିବସ୍ ପାଲନ୍ କରାଯାଉଛେ । ଇ ବଛ୍ରର୍ ବିଶ୍ୱ ହେପାଟାଇଟିସ୍ ଦିବସ୍‌ର ବାର୍ତା ହେଲା 'ଆସୁନ୍ ସଭେ ମିଶିକରି ଇତାକେ ପ୍ରତିହତ୍ କର୍ମା' । ହେପାଟାଇଟିସ୍ ଆଉ ଯକୃତ କର୍କଟ ରୋଗର୍ ନିରାକରଣ୍ ଦିଗେ ରହିଥିବା ଆର୍ଥିକ୍, ସାମାଜିକ୍ ଆଉ ବ୍ୟବସ୍ଥାଗତ ବାଧାକେ ଦୂର୍ କର୍ବାର୍ ଲାଗି ଇ ବଛ୍ରର୍ ବାର୍ତାଥି ଆହ୍ୱାନ୍ ଦିଆଯାଇଛେ ।

ଛୁଆ ଜନମ୍ ହେବାର୍ ୨୪ ଘଂଟା ଭିତ୍ରେ ହେପାଟାଇଟିସ୍ ପ୍ରତିଷେଧକ୍ ଟୀକା ନିଶ୍ଚିତ୍ ଭାବେ ଦେବାର୍ କଥା । ଇଟା ସବୁ ସର୍କାରୀ ଡାକ୍ତର୍ଖାନାମାନ୍‌କେ ମାହାଲିଆ ମିଲିପାରୁଛେ ବଲି ରାଜ୍ୟସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍ଫୁ ପରାମର୍ଶ ଦିଆଯାଇଛେ ।

ରାଜ୍ୟ ଗୋଷ୍ଠୀ କ୍ରୀଡ଼ା          ଆର୍ଏନ୍ୟୁ/ ସମ୍ବଲପୁର

ସ୍କଟ୍ଲାଣ୍ଡ୍ର ଗ୍ଲାସ୍ଗୋ ଠାନେ ଚାଲିଥିବା ରାଜ୍ୟ ଗୋଷ୍ଠୀ କ୍ରୀଡ଼ାଥି ଭାରତ୍କେ ଏବ୍ତକ୍ ୬ ଟା ପଦକ୍ ହାସଲ୍ ହେଇଛେ । ସେଥିର୍ ଭିତ୍ରୁ ୫ ଟା ଭାରୋତଲନ୍ ନୁ ଆଉ ଗୁଟେ ଶକ୍ତି ଉତୋଲନ୍ ନୁ ମିଲିଛେ । ଗଲାକାଏଲ୍ ଜ୍ଞାନେଶ୍ୱରୀ ଯାଦବ୍ ମହିଳା ୫୩ କେଜି ବର୍ଗଥି ରୌପ୍ୟ ପଦକ୍ ହାସଲ୍ କରିଛନ୍ । ଇତାର୍ସହେତେ ମହିଳା ୫୮ କେଜି ବର୍ଗଥି ବିନ୍ଦିଆ ରାଣୀ ଦେବୀ କାଂସ୍ୟପଦକ୍ ହାସଲ୍ କରିଛନ୍ ।

ପାଣିପାଗ     ଆର୍ଏନ୍ୟୁ/ ସମ୍ବଲପୁର

ଉତର୍ -ପଶ୍ଚିମ ବଙ୍ଗୋପ୍ସାଗର୍ ଆଉ ତାକେ ଲାଗିକରି ଥିବା ପଶ୍ଚିମବଙ୍ଗ ଓଡ଼ିଶା ସମୁଦ୍ରଖଁଡ଼ି ନ ବନିଥିବା ଲଘୁଚାପ୍ ଅବପାତ୍ର ରୂପ୍ ନେଇକେରି ଗଭୀର ଅବପାତଥି ବଦ୍ଲିଛେ । ଇତାର୍ ପ୍ରଭାବ୍ଥି ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ସମ୍ବଲ୍ପୁର୍, ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, ବର୍ଗଡ଼୍ ଜିଲ୍ଲା ନ

ଜବରନ୍ନୁ ଅତି ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ସେନ୍ତା ଦେବ୍ଗଡ଼୍, ସୁବର୍ଣ୍ଣପୁର୍, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର୍ ସହେତେ ୧୨ ଟା ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।